1962
ଅଗଷ୍ଟ 29

ଭିଭା ଦୌଲୁ ପାଟିଲ୍

ବନାମ

ମହାରାଷ୍ଟ୍ର ରାଜ୍ୟ

(ଜେ. ଏଲ. କପୁର, ଏ. କେ. ସରକାର ଏବଂ
ଏମ୍. ହିଦାୟତୁଲ୍ଲା, ନ୍ୟାୟମୂର୍ତ୍ତିବୃନ୍ଦ)

*ଅପରାଧିକ ବିଚାର -ରାଜସାକ୍ଷୀ -ପ୍ରତ୍ୟେକ ଅଭିଯୁକ୍ତଙ୍କ ପାଇଁ ସମର୍ଥନ ଆବଶ୍ୟକ କି - ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 (1872 ର 1), ଧାରା 114, 133 ।*

ଯେଉଁ ଛୁରୀ ଦ୍ୱାରା ହତ୍ୟା କରାଯାଇଥିଲା, R ଙ୍କ କହିବା ପ୍ରକାରେ ତା'ର ଉଦ୍ଧାର ଏବଂ ହତ୍ୟାକାଣ୍ଡର ନଅ ସପ୍ତାହ ପୂର୍ବରୁ ଆବେଦନକାରୀ ଏବଂ R ଛୁରୀକୁ ପ୍ରସ୍ତୁତ କରିଥିବାର ପ୍ରମାଣ ଦ୍ୱାରା ସମର୍ଥିତ ଜଣେ ରାଜସାକ୍ଷୀଙ୍କ ପ୍ରମାଣ ଉପରେ ଆବେଦନକାରୀ ଏବଂ R ଙ୍କୁ ହତ୍ୟା ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ତାଙ୍କ ଦଣ୍ଡବିଧାନ ବେଆଇନ ଥିଲା, କାରଣ ତାଙ୍କ ସମ୍ବନ୍ଧରେ ରାଜସାକ୍ଷୀଙ୍କ କଥନର କୌଣସି ସମର୍ଥନ ନଥିଲା ।

ନିର୍ଣ୍ଣୟ ହୋଇଥିଲା ଯେ ଆବେଦନକାରୀଙ୍କ ଦଣ୍ଡବିଧାନ ଗ୍ରହଣଯୋଗ୍ୟ ନଥିଲା । ଆଇନର ଆବଶ୍ୟକତା ଥିଲା ଯେ ତଥ୍ୟଗତ ବିବରଣୀରେ ଏବଂ ପ୍ରତ୍ୟେକ ଅଭିଯୁକ୍ତଙ୍କ ବିଷୟରେ ରାଜସାକ୍ଷୀ ସମର୍ଥନ ରହିବା ଉଚିତ୍ । ଧାରା 133 ଏବଂ 114 ଦୃଷ୍ଟାନ୍ତ (b) ର ମିଳିତ ପ୍ରଭାବ ହେଉଛି ଯେ ଯଦିଓ ଜଣେ ସହ-ଅପରାଧୀଙ୍କ କଥନରେ ଅଭିଯୁକ୍ତଙ୍କ ଦଣ୍ଡବିଧାନ ବେଆଇନ ବୋଲି କୁହାଯାଇପାରିବ ନାହିଁ, ଅଦାଲତମାନେ ତଥ୍ୟଗତ ବିବରଣୀର ବିନା ସମର୍ଥନରେ ଏହିପରି ପ୍ରମାଣକୁ ଗ୍ରହଣ କରିବେ ନାହିଁ । ବର୍ତ୍ତମାନର ମାମଲାରେ ଆବେଦନକାରୀଙ୍କ ପାଇଁ ରାଜସାକ୍ଷୀ କଥନର କୌଣସି ସମର୍ଥନ ନଥିଲା । ରାଜସାକ୍ଷୀଙ୍କ ଦ୍ୱାରା ଘଟଣାର ନଅ ସପ୍ତାହ ପୂର୍ବରୁ ଛୁରୀ ପ୍ରସ୍ତୁତ କରିଥିବାର କୌଣସି ପ୍ରମାଣ ନଥିଲା କାରଣ କାରଣ ସେହି ସମୟ ବ୍ୟବଧାନ ମଧ୍ୟରେ ଆବେଦନକାରୀ ହୁଏତ ଅସ୍ୱୀକାର କରିଥାନ୍ତେ; କିମ୍ବା R ର ପ୍ରେରଣାରେ ଛୁରୀର ଆବିଷ୍କାର ଆବେଦନକାରୀଙ୍କୁ ହତ୍ୟା ସହିତ ଯୋଡିବା ପାଇଁ ଯଥେଷ୍ଟ ନଥିଲା । ରାଜସାକ୍ଷୀ ତାଙ୍କ ଭାଇଙ୍କୁ ଏକ ସ୍ୱୀକାରୋକ୍ତି ବିବୃତି ଦେଇଥିବା ତଥ୍ୟକୁ ରାଜସାକ୍ଷୀ ସମର୍ଥନ କୁହାଯାଇପାରିବ ନାହିଁ । ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଏହା ଯଥେଷ୍ଟ ନଥିଲା ଯେ ହତ୍ୟାକାଣ୍ଡରେ R ର ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ପ୍ରମାଣ  ଥିଲା ।

*ରେସ୍. ବନାମ ବୋୟସ୍*, (1861) 9 Cox, Crim. Cas, 32, *ଭୁବୋନି ସାହୁ ବନାମ ରାଜା*, (1949) L. R. 76 I. A. 147 ଏବଂ *ଆର୍. ବନାମ ବାସ୍କର୍ଭିଲ୍*, (1916) 2 K. B. 658, ଉଲ୍ଲେଖ କରାଯାଇଛି ।

ଫୌଜଦାରୀ ଆବେଦନ ଅଧିକାରିତା :ଫୌଜଦାରୀ ଆବେଦନ ସଂଖ୍ୟା 174/1961 ।

Cr. A. ସଂଖ୍ୟା 308/1961ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 1961 ମସିହା ଏପ୍ରିଲ 12/13 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପାଇଁ *ଜି. ସି. ମାଥୁର* ।

ଉତ୍ତରଦାତାମାନଙ୍କ ପାଇଁ *ଏସ୍. ବି. ଜଠର* ଏବଂ *ଆର୍. ଏନ୍. ସଚଥେ* ।

1962, ଅଗଷ୍ଟ 29 । ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି କପୁରଙ୍କ ଦ୍ୱାରା - ମେ 23 ଏବଂ 24, 1960 ରାତିରେ ପାସାର୍ଦେ ଗ୍ରାମରେ ଜଣେ ଲାହୁ ବିଥୁ ପାଟିଲଙ୍କ ହତ୍ୟା ପାଇଁ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ଧାରା 302 ଅନୁଯାୟୀ ଏକ ଅପରାଧ ପାଇଁ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତକୁ ନିଶ୍ଚିତ କରି ବମ୍ବେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ଏହା ଏକ ଆବେଦନ ।

ଲାହୁ ବିଥୁ ପାଟିଲ୍ ହତ୍ୟାରେ ଚାରି ଜଣ ବ୍ୟକ୍ତି ଅର୍ଥାତ ରାମ କୃଷ୍ଣ ପାଟିଲ୍ ଅଭିଯୁକ୍ତ ନମ୍ବର 1, ଭିଭା ଦୌଲୁ ପାଟିଲ୍ ଅଭିଯୁକ୍ତ ନମ୍ବର 2 (ବର୍ତ୍ତମାନ ଆମ ସମ୍ମୁଖରେ ଆବେଦନକାରୀ), ଲାହୁ ସାଣ୍ଟୁ ପାଟିଲ୍ ଅଭିଯୁକ୍ତ ନମ୍ବର 3 ଏବଂ ଦେଓବା ରାଜସାକ୍ଷୀ ପି. ଡବ୍ଲ୍ୟୁ. 5 ଅଂଶଗ୍ରହଣ କରିଥିବା ଅଭିଯୋଗ ହୋଇଛି । ରାମ କୃଷ୍ଣ ପାଟିଲ୍ ଅଭିଯୁକ୍ତ ନମ୍ବର 1 ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲେ, କିନ୍ତୁ ଅପିଲ ଉପରେ ତାଙ୍କ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ହ୍ରାସ କରାଯାଇଥିଲା । ଉପରୋକ୍ତ କହିବା ଅନୁଯାୟୀ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ତୃତୀୟ ଅଭିଯୁକ୍ତ ଲାହୁ ସାଣ୍ଟୁ ପାଟିଲ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ଏବଂ ଚତୁର୍ଥ ଅଂଶଗ୍ରହଣକାରୀ ଦେଓବା ସରକାରୀ ରାଜସାକ୍ଷୀ ହୋଇଥିଲେ ଏବଂ ସେ ହେଉଛନ୍ତି ପି. ଡବ୍ଲ୍ୟୁ. 5 ।

1962
ଭିଭା ଦୌଲୁ ପାଟିଲ୍
ବନାମ
ମହାରାଷ୍ଟ୍ର ରାଜ୍ୟ
ନ୍ୟାୟମୂର୍ତ୍ତି କପୁର

ଅଭିଯୋଗ ପକ୍ଷର ମାମଲା ଥିଲା ଯେ ଆବେଦନକାରୀଙ୍କ ସନ୍ଦେହ ଥିଲା ଯେ ତାଙ୍କ ପତ୍ନୀଙ୍କ ସହ ମୃତକଙ୍କର ସମ୍ପର୍କ ଥିଲା । ସେ, ଆବେଦନକାରୀ, ରାଜସାକ୍ଷୀ ନିକଟକୁ ଯାଇ ପରାମର୍ଶ ଦେଇଥିଲେ ଯେ ମୃତ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ଉଚିତ । ଏହା ଥିଲା 1960 ମସିହା ମାର୍ଚ୍ଚ 16 ତାରିଖ । 17 ମାର୍ଚ୍ଚ,1960 ରେ, ରାମ କୃଷ୍ଣ ପାଟିଲ୍ ଅଭିଯୁକ୍ତ ନମ୍ବର 1 ଏବଂ ଆବେଦନକାରୀ ନାନୁ ସାଣ୍ଟୁ ସୁତାର ପି. ଡବ୍ଲ୍ୟୁ. 7 ଙ୍କ ଦ୍ୱାରା ଏକ ଶାବଳରୁ ପ୍ରସ୍ତୁତ ଏକ ଛୁରୀକୁ ପାଇଥିଲେ । ମୃତ ବ୍ୟକ୍ତି ଜଣକ ଜଣେ କୁସ୍ତିଯୋଦ୍ଧା ଥିଲେ ଏବଂ ସେ ଏବଂ ତାଙ୍କ ଭାଇ କ୍ଷେତରେ ଶୋଉଥିଲେ ଏବଂ ସେମାନଙ୍କ ପାଖରେ କୁକୁର ମଧ୍ୟ ଥିଲା ଏବଂ ସେହି କାରଣରୁ କିଛି ସମୟ ପାଇଁ ହତ୍ୟା କରାଯାଇପାରିନଥିଲା । ବର୍ଷା ଆରମ୍ଭ ହେବା ପରେ ମୃତକ୍ ଜଣକ ପାଟିଲ୍ ଙ୍କ ତାଲିମ୍ (ବ୍ୟାୟାମଶାଳା) ରେ ଶୋଇବାକୁ ଲାଗିଲେ । ସେଠାରେ, ହତ୍ୟାକାଣ୍ଡର ରାତିରେ ମୃତ ବ୍ୟକ୍ତିଙ୍କୁ ଛୁରୀରେ ହତ୍ୟା କରାଯାଇଥିଲା ଯାହା ରାମ କୃଷ୍ଣ ପାଟିଲ ଅଭିଯୁକ୍ତ ନଂ. 1 ଦ୍ୱାରା ବ୍ୟବହୃତ ହୋଇଥିଲା । ସେହି ସମୟରେ ଆବେଦନକାରୀଙ୍କ ପାଖରେ ଏକ ମଶାଲ ଥିଲା ଏବଂ ଅନ୍ୟ ଦୁଇ ଜଣ ଲାହୁ ସାଣ୍ଟୁ ପାଟିଲ ଏବଂ ଦେଓବା ନିରସ୍ତ୍ର ଥିଲେ । ଅଭିଯୁକ୍ତ ନମ୍ବର 1 ଦ୍ୱାରା ଦିଆଯାଇଥିବା ଦୁଇଟି ପ୍ରହାର ମଧ୍ୟରୁ ଗୋଟିଏ ଗଳାରେ ଏବଂ ଦ୍ୱିତୀୟଟି ଛାତିର ବାମ ପାର୍ଶ୍ୱରେ ଥିଲା । ଘଟଣା ସ୍ଥଳରେ ଆକ୍ରମଣକାରୀମାନେ ଏକ ଟାୱେଲ୍ ଏବଂ ଏକ ପଗ୍ଗ୍ମ (ପଗଡି) ଛାଡ଼ି ଯାଇଥିଲେ । ଏହି ଦୁଇଟି ଜିନିଷ ଅଭିଯୁକ୍ତ ନମ୍ବର 1 ରାମ କୃଷ୍ଣ ପାଟିଲଙ୍କର ବୋଲି ଜଣାପଡ଼ିଛି । ମୃତ ଲାହୁ ବିଥୁ ପାଟିଲ୍ ଙ୍କ ଶବ୍ଦ ଶୁଣି, ଶୋଇଥିବା ଅନ୍ୟ ବ୍ୟକ୍ତିମାନେ ଜାଗ୍ରତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜଣେ ଯାଇ ମୃତକଙ୍କ ଭାଇଙ୍କୁ ସୂଚନା ଦେଇଥିଲେ ଏବଂ ତା'ପରେ ପୋଲିସକୁ ଏତଲା କରାଯାଇଥିଲା କିନ୍ତୁ ସେଥିରେ କୌଣସି ନାମ ଉଲ୍ଲେଖ କରାଯାଇ ନଥିଲା । 6 ଜୁନ୍, 1960 ରେ ପୋଲିସ୍ ସବ୍-ଇନ୍ସପେକ୍ଟର ନନ୍ଦକେଙ୍କ ଦ୍ୱାରା ପ୍ରାପ୍ତ ସୂଚନା ଉପରେ ଦେଓବାଙ୍କୁ ଗିରଫ କରାଯାଇଥିଲା । 25 ଜୁନ୍, 1960 ରେ ଅଭିଯୁକ୍ତ ନଂ 1 ଙ୍କ ଦ୍ୱାରା ଦିଆଯାଇଥିବା ବିବୃତିର ଫଳସ୍ୱରୂପ ହତ୍ୟା ପାଇଁ ବ୍ୟବହୃତ ହୋଇଥିବାର ଆରୋପ ଅନୁଯାୟୀ ଛୁରୀକୁ ଉଦ୍ଧାର କରାଯାଇଥିଲା । ଏହି ଛୁରୀଟି ରକ୍ତରେ ରଞ୍ଜିତ ହୋଇଥିବା କୁହାଯାଉଛି କିନ୍ତୁ ଏହା ମନୁଷ୍ୟର ରକ୍ତ ବୋଲି ପ୍ରମାଣିତ ହୋଇନାହିଁ । ଏହା କୁହାଯାଇପାରେ ଯେ ଛୁରୀଟି ଅସାଧାରଣ ଭାବେ ବଡ଼ ଆକାରର ଥିଲା । ମୃତ ବ୍ୟକ୍ତିଙ୍କ ଉପରେ ଦୁଇଟି ଆଘାତ ଅତ୍ୟନ୍ତ ବ୍ୟାପକ ଥିଲା ଏବଂ ଡାକ୍ତରୀ ପ୍ରମାଣ ଅନୁଯାୟୀ ସେଗୁଡ଼ିକ ଉଦ୍ଧାର ହୋଇଥିବା ଛୁରୀ ଦ୍ୱାରା ହୋଇଥାଇପାରେ ।

ବର୍ତ୍ତମାନର ମାମଲାରେ ଯେଉଁ ପ୍ରଶ୍ନ ଉଠୁଛି ତାହା ହେଉଛି ରାଜସାକ୍ଷୀଙ୍କ ବିବୃତିକୁ ତଥ୍ୟଗତ ବିବରଣୀ ଏବଂ ଆବେଦନକାରୀଙ୍କଠାରେ ସମର୍ଥିତ କରାଯାଇଛି କି? ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀଙ୍କୁ ରାଜସାକ୍ଷୀ କଥନରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ 1960 ମସିହା ମାର୍ଚ୍ଚ 17 ତାରିଖରେ ଏହି ଅପରାଧ ପାଇଁ ବ୍ୟବହୃତ ହୋଇଛି ବୋଲି ଆରୋପିତ ହୋଇଥିବା ଛୁରୀକୁ ପ୍ରସ୍ତୁତ କରିଥିବା ନାନୁ ସାଣ୍ଟୁ ସୁତାର ପି. ଡବ୍ଲ୍ୟୁ. 7ଙ୍କ ବିବୃତି ରାଜସାକ୍ଷୀଙ୍କ କଥନକୁ ସମର୍ଥିତ କରିଥିଲା ଏବଂ ମୃତ ବ୍ୟକ୍ତିଙ୍କ ସହ ତାଙ୍କ ପତ୍ନୀଙ୍କ ସମ୍ପର୍କ ଥିବା ସନ୍ଦେହ ହେତୁ ହତ୍ୟା କରିବାକୁ ତାଙ୍କର ଉଦ୍ଦେଶ୍ୟ ଥିଲା । ବିଦ୍ୱାନ ବିଚାରପତିଙ୍କ ଅନୁଯାୟୀ ଏହି ତଥ୍ୟ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ଥିଲା । ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ତଥ୍ୟଗତ ବିବରଣୀରେ ପ୍ରମାଣ ପାଇଥିଲେ; ସାଣ୍ଟୁ ପି. ଡବ୍ଲ୍ୟୁ. 6 ଦେଓବାର ଭାଇଙ୍କ ପ୍ରମାଣରୁ, ଯାହାଙ୍କ ନିକଟରେ ଦେଓବା ଏହି ଅପରାଧରେ ତାଙ୍କର ଅଂଶଗ୍ରହଣ ବିଷୟରେ ଦୋଷ ସ୍ୱୀକାର କରିଥିଲେ; ଅଭିଯୁକ୍ତ ନମ୍ବର 1 ଙ୍କ ଅନୁସାରେ ଛୁରିର ଆବିଷ୍କାର ହେବା ଏବଂ ରକ୍ତ ଦାଗ ଥିବା ଅବସ୍ଥାରେ ଛୁରୀକୁ ପାଇବା ଏବଂ ଛୁରିର ଅସ୍ୱାଭାବିକତା ଯାହା ମୃତକଙ୍କୁ ହୋଇଥିବା ଆଘାତର ଆକାର ସହିତ ଖାପ ଖାଏ । ସେହି ତଥ୍ୟଗୁଡ଼ିକରୁ ବିଦ୍ୱାନ ନ୍ୟାୟମୂର୍ତ୍ତିମାନେ ଏହି ଉପସଂହାର ପହଞ୍ଚିଲେ ଯେ ରାଜସାକ୍ଷୀ ଦେଓବା ଘଟଣାର ଏକ ସତ୍ୟ କଥନ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ପ୍ରତି ଅତ୍ୟନ୍ତ ସମ୍ମାନ ସହିତ ଆମେ ସହମତ ହେବାକୁ ଅସମର୍ଥ କାରଣ ଆବେଦନକାରୀଙ୍କୁ ରାଜସାକ୍ଷୀ ସମର୍ଥନ ବିନା ଦଣ୍ଡବିଧାନ ଗ୍ରହଣୀୟ ନୁହେଁ, ଆଇନ ହେଉଛି ଯେ ତଥ୍ୟଗତ ବିବରଣୀରେ ଏବଂ ପ୍ରତ୍ୟେକ ଅଭିଯୁକ୍ତ ପାଇଁ ରାଜସାକ୍ଷୀଙ୍କ ସମର୍ଥନ ହେବା ଉଚିତ ।

ରାଜସାକ୍ଷୀଙ୍କ ଭାଇ ସାଣ୍ଟୁଙ୍କ ବିବୃତି ରାଜସାକ୍ଷୀଙ୍କ ସମର୍ଥନ ନୁହେଁ । ଏହାର କେବଳ ଅର୍ଥ ହେଉଛି ଯେ ରାଜସାକ୍ଷୀ ତାଙ୍କ ଭାଇଙ୍କୁ ଏକ ସ୍ୱୀକାରୋକ୍ତି ବିବୃତି ଦେଇଛନ୍ତି । ଏହି ମାମଲାର ପରିସ୍ଥିତିରେ, ଏହାକୁ ରାଜସାକ୍ଷୀଙ୍କ ସମର୍ଥନ ବୋଲି କୁହାଯାଇପାରିବ ନାହିଁ । ନାନୁ ସାଣ୍ଟୁ ସୁତାର ପି. ଡବ୍ଲ୍ୟୁ. 7 ର ସାକ୍ଷ୍ୟ ମଧ୍ୟ ରାଜସାକ୍ଷୀଙ୍କ କାହାଣୀର ସମର୍ଥନ ଭାବରେ କାର୍ଯ୍ୟ କରିପାରିବ ନାହିଁ କାରଣ ହତ୍ୟାକାଣ୍ଡର ନଅ ସପ୍ତାହ ପୂର୍ବରୁ ଅଭିଯୁକ୍ତ ନମ୍ବର 1 ଏବଂ ଆବେଦନକାରୀଙ୍କ ଦ୍ୱାରା ଛୁରୀ ପ୍ରସ୍ତୁତ କରାଯାଇଥିଲାଏବଂ ସେହି ତଥ୍ୟ ନିଜେ ଆବେଦନକାରୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହିତ ଧାରା 302 ଅନୁଯାୟୀ ଅଭିଯୋଗକୁ ସମର୍ଥନ କରିବ ନାହିଁ । ଛୁରୀ ପ୍ରସ୍ତୁତି ଏବଂ ହତ୍ୟା ମଧ୍ୟରେ ସମୟ ବ୍ୟବଧାନ ବହୁତ ଅଧିକ ଏବଂ ଏହା ଏପରି ପରିସ୍ଥିତିରେ ସମ୍ଭବ ଯେ ଆବେଦନକାରୀ ଖଣ୍ଡନ କରିଥାଇପାରନ୍ତି ଏବଂ ଅପରାଧ ଘଟାଇ ନ ଥାଇପାରନ୍ତି । ପ୍ରଥମ

ଅଭିଯୁକ୍ତଙ୍କ କଥନ ପ୍ରକାରେ ଛୁରୀର ସନ୍ଧାନ ମଧ୍ୟ ରାଜସାକ୍ଷୀଙ୍କ କାହାଣୀର କୌଣସି ସମର୍ଥନ ନୁହେଁ ଯାହା ଭାରତୀୟ ଦଣ୍ଡ ସଂହିତାର ଧାରା 34 ଅନୁଯାୟୀ ଆବେଦନକାରୀଙ୍କୁ ହତ୍ୟା ସହିତ ଯୋଡିବା ପାଇଁ ଯଥେଷ୍ଟ ହେବ । ଏହା ହୋଇପାରେ ଯେ ଏହି ମାମଲାରେ ପ୍ରଥମ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ରାଜସାକ୍ଷୀଙ୍କ ପ୍ରମାଣ ଯଥେଷ୍ଟ ପ୍ରମାଣିତ ହୋଇଥିଲା, ଯାହା ଉପରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ, କିନ୍ତୁ ଆବେଦନକାରୀଙ୍କ ବିଷୟରେ, ଆମେ ଦେଖୁଛୁ ଯେ ରାଜସାକ୍ଷୀଙ୍କ କାହାଣୀର କୌଣସି ସମର୍ଥନ ନାହିଁ ଏବଂ ହତ୍ୟାକାଣ୍ଡରେ ପ୍ରଥମ ଅଭିଯୁକ୍ତଙ୍କ ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ପ୍ରମାଣ ଯଥେଷ୍ଟ ନୁହେଁ । ଯେଉଁ ଅପରାଧରେ ସେ ଅଭିଯୁକ୍ତ ହୋଇଛନ୍ତି, ସେଥିରେ ଆବେଦନକାରୀଙ୍କ ଅଂଶଗ୍ରହଣକୁ ସ୍ୱାଧୀନ ଭାବେ ପ୍ରମାଣ କରିବା ମଧ୍ୟ ଆବଶ୍ୟକ । ଏଭଳି ପରିସ୍ଥିତିରେ ଆବେଦନକାରୀଙ୍କ ଦଣ୍ଡବିଧାନ ଗ୍ରହଣଯୋଗ୍ୟ ନୁହେଁ ।

ଉପରୋକ୍ତ ନିର୍ଣ୍ଣୟରେ ପହଞ୍ଚିବା ସମୟରେ ଆମେ ସାକ୍ଷ୍ୟ ଅଧିନିୟମର ଧାରା 133ର ବ୍ୟବସ୍ଥାଗୁଡ଼ିକୁ ଅଣଦେଖା କରିନାହୁଁ, ଯେଉଁଥିରେ କୁହାଯାଇଛି:-

ଧାରା 133 "ଜଣେ ସହ-ଅପରାଧୀ ଜଣେ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଜଣେ ସକ୍ଷମ ସାକ୍ଷୀ ହେବେ; ଏବଂ ଏହା କେବଳ ଜଣେ ସହ-ଅପରାଧୀଙ୍କ ଅପ୍ରମାଣିତ କଥନ ଉପରେ ଅଗ୍ରସର ହେଉଥିବାରୁ ଏକ ଦଣ୍ଡବିଧାନ ବେଆଇନ ନୁହେଁ ।"

ଏହା ସନ୍ଦେହ କରାଯାଇପାରିବ ନାହିଁ ଯେ ସେହି ଧାରା ଅଧୀନରେ କେବଳ ଜଣେ ସହ-ଅପରାଧୀଙ୍କ ଅପ୍ରମାଣିତ କଥନ ଉପରେ ଆଧାରିତ ଏକ ଦଣ୍ଡବିଧାନ ବେଆଇନ ହୋଇନପାରେ, ତଥାପି ଅଦାଲତମାନେ ବିଚକ୍ଷଣତା ଏବଂ ଅଭ୍ୟାସର ନିୟମ ପ୍ରତି ଦୃଷ୍ଟି ହରାଇପାରିବେ ନାହିଁ, ଯାହା *ରେସ୍ ବନାମ ବୋଏସ୍(¹)* ମାମଲାରେ ମାର୍ଟିନ ବି ଙ୍କ ଶବ୍ଦରେ "ସମ୍ମାନର ଯୋଗ୍ୟ ହେବା ପାଇଁ ଏତେ ପବିତ୍ର ହୋଇପାରିଛି" ଏବଂ ଲର୍ଡ ଆବିଙ୍ଗରଙ୍କ ଶବ୍ଦରେ "ଏହା ଆଇନର ସମସ୍ତ ସମ୍ମାନ ପାଇବାକୁ  ଯୋଗ୍ୟ । "ମାର୍ଗଦର୍ଶନର ଏହି ନିୟମ, ସାକ୍ଷ୍ୟ  ଦୃଷ୍ଟାନ୍ତ (b) ରୁ ଧାରା 114 ମଧ୍ୟରେ ଦେଖିବାକୁ ମିଳିବ ଯାହା ନିମ୍ନରେ ଦିଆଗଲା:-

"ଅଦାଲତ ଅନୁମାନ କରିପାରନ୍ତି ଯେ ଜଣେ ସହ-ଅପରାଧୀ ଶ୍ରେୟ ପାଇବାକୁ ଯୋଗ୍ୟ ନୁହଁନ୍ତି ଯେ ପର୍ଯ୍ୟନ୍ତ ସେ ତଥ୍ୟାତ୍ମକ ବିବରଣୀ ଦ୍ୱାରା ସମର୍ଥିତ ନୁହଁନ୍ତି" ।

---

(1) (1861) 9 Cox, Crim. Cas. 32

ଉଭୟ ଧାରା ଗୋଟିଏ ବିଷୟର ଅଂଶବିଶେଷ ଏବଂ ଏଗୁଡ଼ିକୁ ଏକାଠି ବିଚାର କରିବାର ଆବଶ୍ୟକତା ରହିଛି । *ଭୁବୋନି ସାହୁ ବନାମ ରାଜା* [2]ମାମଲାରେ ପ୍ରିଭି କାଉନସିଲ୍ ଯେତେବେଳେ *ରାଜାଗୋପାଳ* [3] ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ରାୟ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ, ଯେଉଁଥିରେ ଜଣେ ସହ-ଅପରାଧୀଙ୍କ ବିବୃତି ଦ୍ୱାରା ସମର୍ଥିତ ଜଣେ ସହ-ଅପରାଧୀଙ୍କ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା, ସେତେବେଳେ ନିମ୍ନମତେ କୁହାଯାଇଥିଲା:-

> "ମହାମାନ୍ୟମାନେ................................. ତଥାପି ଦେଖିବେ ଯେ ଦୀର୍ଘ ଅଭିଜ୍ଞତା ଆଧାରରେ ନ୍ୟାୟାଳୟମାନେ ବିଚକ୍ଷଣତାର ନିୟମରୁ ବିଚ୍ୟୁତ ହେବାରେ ବିଳମ୍ବ କରିବା ଉଚିତ, ଯାହା ନିର୍ଦ୍ଦିଷ୍ଟ ଅଭିଯୁକ୍ତକୁ ସମ୍ପୃକ୍ତ କରୁଥିବା କିଛି ସ୍ୱାଧୀନ ପ୍ରମାଣ ଆବଶ୍ୟକ କରେ । ସହ-ଅପରାଧୀଙ୍କ ପ୍ରମାଣ ଉପରେ କାର୍ଯ୍ୟାନୁଷ୍ଠାନର ବିପଦ କେବଳ ଏହା ନୁହେଁ ଯେ ସହ-ଅପରାଧୀ ସ୍ୱୀକାରୋକ୍ତିରେ ଜଣେ ଖରାପ ଚରିତ୍ରର ବ୍ୟକ୍ତି ଯିଏ ଅପରାଧରେ ଅଂଶଗ୍ରହଣ କରିଥିଲେ ଏବଂ ପରେ ନିଜକୁ ବଞ୍ଚାଇବା ପାଇଁ ତାଙ୍କ ପୂର୍ବତନ ସହଯୋଗୀମାନଙ୍କୁ ବିଶ୍ୱାସଘାତକତା କରିଥିଲେ, ଏବଂ ଯିଏ ନିଜକୁ ଏପରି ସ୍ଥିତିରେ ରଖିଛନ୍ତି ଯେଉଁଥିରେ ସେ ଅଭିଯୋଗ ସପକ୍ଷରେ ଦୃଢ ପକ୍ଷପାତ କରିବାରେ କ୍ୱଚିତ୍ ବିଫଳ ହୋଇପାରିବେ; ପ୍ରକୃତ ବିପଦ ହେଉଛି ଯେ ସେ ଏକ କାହାଣୀ କହୁଛନ୍ତି ଯାହା ଏହାର ସାଧାରଣ ରୂପରେଖରେ ସତ୍ୟ ଅଟେ, ଏବଂ ମିଥ୍ୟା କାହାଣୀ ପ୍ରସଙ୍ଗରେ କାମ କରିବା ତାଙ୍କ ପାଇଁ ସହଜ ।"

ଧାରା 133 ଏବଂ 114, ଦୃଷ୍ଟାନ୍ତ (b) ର ମିଳିତ ପ୍ରଭାବକୁ ନିମ୍ନମତେ ଦର୍ଶାଯାଇପାରେ: ପୂର୍ବବର୍ତ୍ତୀ ଅନୁଯାୟୀ, ଯାହା ଆଇନର ଏକ ନିୟମ, ଜଣେ ସହ-ଅପରାଧୀ ପ୍ରମାଣ ଦେବାକୁ ସକ୍ଷମ ଅଟନ୍ତି ଏବଂ ପରବର୍ତ୍ତୀ ଅନୁଯାୟୀ, ଯାହା ପ୍ରଥାଗତ ନିୟମ ଅଟେ, କେବଳ ତାଙ୍କ କଥନ ଉପରେ ଦୋଷୀ ସାବ୍ୟସ୍ତ କରିବା ପ୍ରାୟ ସର୍ବଦା ଅସୁରକ୍ଷିତ । ତେଣୁ ଯଦିଓ ଜଣେ ସହ-ଅପରାଧୀଙ୍କ କଥନରେ ଅଭିଯୁକ୍ତର ଦଣ୍ଡବିଧାନକୁ ବେଆଇନ ବୋଲି କୁହାଯାଇପାରିବ ନାହିଁ, ତଥାପି ଅଦାଲତ, ପ୍ରଥାଗତ ବିଷୟ ଭାବରେ, ତଥ୍ୟଗତ ବିବରଣୀରେ ସମର୍ଥନ ବିନା ଏହିପରି ସାକ୍ଷୀଙ୍କ ପ୍ରମାଣ ଗ୍ରହଣ କରିବେ ନାହିଁ । *ଆର୍. ବନାମ ବାସ୍କର୍ଭିଲ୍*[1] ରେ ମୁଖ୍ୟ ନ୍ୟାୟାଧୀଶ ଲର୍ଡ ରିଡିଂଙ୍କ ଶବ୍ଦରେ ଏହି ଆଇନକୁ ନିମ୍ନମତେ କୁହାଯାଇପାରେ:-

---

(2) (1949) L.R. 76. I.A. 147

(3) I.L.R. 1944. Mad. 308

(1) [1916] 2 K.B. 658

1962
ଭିଭା ଦୌଲୁ ପାଟିଲ୍
ବନାମ
ମହାରାଷ୍ଟ୍ର ରାଜ୍ୟ
ନ୍ୟାୟମୂର୍ତ୍ତି କପୁର

"ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଣେ ସହ-ଅପରାଧୀଙ୍କ ଅସମର୍ଥିତ ପ୍ରମାଣ ଆଇନରେ ଗ୍ରହଣୀୟ ଅଟେ (*ଆର୍. ବନାମ ଆଟଉଡ୍*, 1787, I Leach 464) । କିନ୍ତୁ ଜଣେ ସହ-ଅପରାଧୀଙ୍କ ଅପ୍ରମାଣିତ କଥନରେ ଜଣେ କଏଦୀଙ୍କୁ ଦୋଷୀ ସାବ୍ୟସ୍ତ କରିବାର ବିପଦ ବିଷୟରେ ଜୁରିଙ୍କୁ ସତର୍କ କରିବା ଏବଂ ବିଚାରପତିଙ୍କ ବିବେଚନାର ବଶବର୍ତ୍ତୀ ହୋଇ, ଏପରି ପ୍ରମାଣ ଉପରେ ଦୋଷୀ ସାବ୍ୟସ୍ତ ନକରିବାକୁ ପରାମର୍ଶ ଦେବା ବିଚାରପତିଙ୍କ ପାଇଁ ଦୀର୍ଘ ଦିନ ଧରି ସାଧାରଣ ଆଇନରେ ଅଭ୍ୟାସର ନିୟମ ଭାବେ ପ୍ରଚଳିତ ରହିଆସିଛି, କିନ୍ତୁ ବିଚାରପତି ଜୁରିଙ୍କୁ ସୂଚିତ କରିବା ଉଚିତ ଯେ ଏହିପରି ଅନିଶ୍ଚିତ ପ୍ରମାଣ ଉପରେ ଦୋଷୀ ସାବ୍ୟସ୍ତ କରିବା ସେମାନଙ୍କ ଆଇନଗତ କାର୍ଯ୍ୟକ୍ଷେତ୍ର ମଧ୍ୟରେ ଅଛି (*ଆର୍. ବନାମ ଷ୍ଟବ୍ସ୍*, Dears 555; *ହିଉନିୟର* ବିଷୟରେ, 1894 2 Q.B. 415" ।

ତେଣୁ ଆମେ ଏହି ଆବେଦନକୁ ଅନୁମତି ଦେଉଛୁ, ଦୋଷୀ ସାବ୍ୟସ୍ତ ଆଦେଶକୁ ବାତିଲ କରିଛୁ ଏବଂ ଆବେଦନକାରୀଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

*ଆବେଦନକୁ ଅନୁମତି ଦିଆଗଲା ।*

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।